# ଉଦ୍‌ଘାଟିତ ହେଲା ଓଡିଶାର ପ୍ରଥମ ଜୈବିକ ସାର କାରଖାନା

(Krantidhara)

## ବାର୍ଷିକ ୧ ଲକ୍ଷ ଲିଟର ଉତ୍ପାଦନ ଲକ୍ଷ, ଚାଷୀଙ୍କୁ ପ୍ରଶିକ୍ଷଣ ଯୋଜନା




ପାରାଦ୍ୱୀପ ତା ୧୧/୦୫ ସଫଳତାର ଆଉ ଏକ ପାହାଚ ଅତିକ୍ରମ କରିଛି ଆମ ଦେଶର ସର୍ବୋତ୍କୃଷ୍ଟ ଉତ୍ପାଦନକାରି ସଂସ୍ଥା ଇଫକୋ ନିଜର ୟୁରିଆ, ଡିଏପି, ଏନପିକେ ଓ ଏନପି ପରି ସାର ଉତ୍ପାଦନ କରି ଇଫକୋ ବେସ ସୁନାମ ଅର୍ଜନ କରିଛି । ଏଥିସହିତ ଆଜି ଓଡିଶାରେ ପ୍ରଥମ ଥର ପାଇଁ ଜୈବିକ ସାର ଉତ୍ପାଦନ କରି ଇଫକୋ ପ୍ରଥମ କରି ବଜାରକୁ ଛାଡିଛି । ଯାହାର ଏକ ଉଦଘାଟନ ଉତ୍ସବ କାରଖାନା ପରିସରରେ ଆୟୋଜିତ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅବସ୍ଥି ଯୋଗ ଦେଇ ଆନୁଷ୍ଠାନିକ ଭାବେ ଯୋଗ ଦେଇଥିଲେ । ତେବେ ଏହି ଜୈବିକ ସାରକାରଖାନା ସେହି ଇଫକୋ ପ୍ଲାଣ୍ଟ ପରିସରରେ ହିଁ ପ୍ରତିଷ୍ଠା ହୋଇଛି । ଏହା ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଅତ୍ୟାଧୁନିକ ପ୍ରଣାଳିରେ ଉତ୍ପାଦିତ କରାଯାଉଛି ଏବଂ ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୪କୋଟି ଟଙ୍କା ବିନିଯୋଗ ହୋଇଛି । ଏହା ପ୍ରଥମ କରି ଉତ୍ପାଦିତ ହୋଇ ବାର୍ଷିକ ପ୍ରାୟ ୧ଲକ୍ଷ ଲିଟର ଉତ୍ପାଦନ କରାଯାଇ ବଜାରକୁ ଛଡା ଯାଉଥିବାରୁ ପରବର୍ତ୍ତି ପର୍ଯ୍ୟାୟରେ ଏହାକୁ ଚାହିଦା ଅନୁସାରେ ବୃଦ୍ଧି କରାଯିବା ପାଇଁ ଲକ୍ଷ ରଖାଯାଇଛି । ତେବେ ଏହି ଜୈବିକ ସାର ଚାଷ ପାଇଁ ରାସାୟନିକ ସାରଠାରୁ ଅଧିକ ଉପାଦେୟତା । ଯେଉଁଠି ଚାଷ ଜମିରେ ଉର୍ବର ଫସଲ ପାଇଁ ରାସାୟନିକ ସାର ପ୍ରୟୋଗ କରାଯାଉଥିଲା ସେଠାରେ ବହୁ କମ୍ ଖର୍ଚ୍ଚରେ ଏହି ଜୈବିକ ସାର ପ୍ରୟୋଗ କରାଯିବ ଯାହାର ପ୍ରୟୋଗରେ ମାଟିର ଉର୍ବରତା ନଷ୍ଟ ନ ହୋଇ ବୃଦ୍ଧି ପାଇବ । ସେ ଦୃଷ୍ଟିରୁ ୧ଲିଟର ଜୈବ ସାରରେ ପ୍ରାୟ ୧ହେକ୍ଟର ଜମି ଓ ପ୍ରାୟ ୧ଏକରକୁ ପ୍ରାୟ ୪୦୦ସହ ମିଳି ଲିଟର ଜୈବିକ ସାର ପ୍ରୟୋଗ କରାଯିବ । ତାଛଡା ଏହାର ଉପଯୋଗିତା ଓ ବ୍ୟବହାର ନେଇ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରମାନ କରାଯିବ ଯେଉଁଥିରେ ଆମ ରାଜ୍ୟର ଚାଷି ବେଶ୍ ଉପକୃତ ହେବେ ବୋଲି ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅବସ୍ଥି କହିଛନ୍ତି । ତେବେ ଏହା ପ୍ରଥମ କରି ଉତ୍ପାଦିତ ଓ ଓଡିଶା ବଜାରରେ ପ୍ରବେଶ କରାଯାଉଥିବାରୁ ଏନେଇ କାରଖାନା ପରିସରରେ ଏକ କୃଷକ ସମାବେଶର ଆୟୋଜନ କରାଯାଇଥିଲା । ଯେଉଁଥିରେ ପାଖାପାଖି ଅଞ୍ଚଳରୁ ଶତାଧିକ ଚାଷି ଯୋଗଦେଇଥିବା ବେଳେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଚାଷିମାନେ ନିମନ୍ତ୍ରିତ ହୋଇଥିଲେ । ଏନେଇ ଏକ ସଭାର ଆୟୋଜନ ମଧ୍ୟ ହୋଇଥିଲା । ଏଥିରେ ଡ. ଅବସ୍ଥିଙ୍କ ସମେତ ପାରାଦ୍ୱୀପ ୟୁନିଟ୍ ମୁଖ୍ୟ ଅଶିଷ କୁମାର ପଣ୍ଡା, ଓଡିଶା ପ୍ରବନ୍ଧକ ଏସ୍ .ଚଟ୍ଟୋପାଧ୍ୟାୟ, କୋରପୋରେଟ୍ ପକ୍ଷରୁ ଡ. ମନ୍ମଥ ପ୍ରସାଦ, ମାନବ ସମ୍ବଳ ଓ ପ୍ରଶାସନିକ ପ୍ରବନ୍ଧକ ଜ୍ଞାନଚାନ୍ଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ନୂତନ ଭାବେ ଉତ୍ପାଦିତ ଜୈବିକ ସାରର ଉପକାରିତା ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା । ତେବେ ଆହୁରି ଫଳପ୍ରଦ ହେବ ବୋଲି ମାହାଙ୍ଗା କୃଷକ ମଞ୍ଚ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଜଗତସିଂହପୁର କୃଷକ ସଙ୍ଘ ପକ୍ଷରୁ ଚୈତନ୍ୟ ପାଣି ପ୍ରମୁଖ କେତେକ ଚାଷୀ ମତ ଦେଇଛନ୍ତି । ତେବେ ଇଫକୋର ଏପରି ପଦକ୍ଷେପକୁ ସାଧାରଣରେ ବେଶ ପ୍ରସଂଶା କରାଯାଇଛି ।